# ସମନ୍ୱିତ ଶିଶୁ ବିକାଶ ଯୋଜନା କାର୍ଯ୍ୟାଳୟ ବାଲିଆପାଳ

ବିଜ୍ଞାପନ ସଂଖ୍ୟା 603 ତା 16-9-2021ରିଖ

## ବିଜ୍ଞାପନ

ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛିଯେ, ସମନ୍ୱିତ ଶିଶୁ ବିକାଶ ପ୍ରକଳ୍ପ କାର୍ଯ୍ୟାଳୟ ବାଲିଆପାଳ ନିମ୍ନ ଲିଖିତ କେନ୍ଦ୍ରର ଓ ନୂତନ ଭାବେ ଅନୁମୋଦନ ଲାଭ କରିଥିବା ଅତିରିକ୍ତ ଅଙ୍ଗନୱାଡି କେନ୍ଦ୍ର ଗୁଡିକରେ ଅଙ୍ଗନୱାଡି କର୍ମୀ ପଦବୀ ଖାଲି ରହି ଅଛି ତେଣୁ ଉକ୍ତ ପଦବୀ ଗୁଡିକ ପୂରଣ ନିମନ୍ତେ ସମ୍ପୃକ୍ତ ଅଙ୍ଗନୱାଡି କେନ୍ଦ୍ର ପରିସର ( ସାରଭିସ ଏରିଆ ) ରୁ କେବଳ ମହିଳା ପ୍ରାର୍ଥୀନି ମାନଙ୍କ ଠାରୁ ଅନଲାଇନ ମାଧ୍ୟମରେ ଦରଖାସ୍ତ ଆହ୍ୱାନ କରାଯାଉ ଅଛି ଇଚ୍ଛୁକ ପ୍ରାର୍ଥୀନି ମାନେ ଏହି website (URL http //engagement. Odisha.gov.in) ରେ login କରି ଆବଶ୍ୟକୀୟ ପ୍ରମାଣପତ୍ର upload କରିବେ ଦରଖାସ୍ତ ଗ୍ରହଣ କରିବାର ଶେଷ ତା 1·10·21 ରିଖ ଅପରାହ୍ନ 5.30 ଘଟିକା ପର୍ଯ୍ୟନ୍ତ ନିର୍ଦ୍ଧାରିତ ତାରିଖ ଓ ସମୟ ପରେ କୌଣସି ଦରଖାସ୍ତ ଗ୍ରହଣ କରାଯିବ ନାହିଁ ଦରଖାସ୍ତ ରେ କୌଣସି ତ୍ରୁଟି ପରିଲକ୍ଷିତ ହେଲେ କିମ୍ବା ଯେ କୌଣସି ଦିଗରୁ ଅସମ୍ପୂର୍ଣ୍ଣ ତଥା ଆବଶ୍ୟକୀୟ ପ୍ରମାଣ ପତ୍ର ଅଭାବ ଜନିତ କାରଣରୁ ଦରଖାସ୍ତକୁ ନାକଚ କରିଦିଆଯିବ ଏବଂ କୌଣସି କାରଣ ନଥାଇ ବିନା ନୋଟିସ ରେ ଉକ୍ତ ବିଜ୍ଞାପନକୁ ଯେ କୌଣସି ମୁହୂର୍ତ୍ତରେ ସ୍ଥଗିତ କିମ୍ବା ବାତିଲ କରିଦିଆଯିବ ଆବଶ୍ୟକ ହେଲେ ଶୁଦ୍ଧିପତ୍ର (corrigendum ) ପ୍ରକାଶ କରାଯିବ

ଦରଖାସ୍ତ ସହିତ upload କରିଥିବା ପ୍ରମାଣ ପତ୍ର ଗୁଡିକ ମୂଳ ପ୍ରମାଣ ପତ୍ର (ଅରିଜିନାଲ ସାଟ ଫିକେଟ) ସହିତ ତା 5·10·21 ରିଖ 11 ଘଟିକା ସମୟ ରେ ସମନ୍ୱିତ ଶିଶୁ ବିକାଶ ପ୍ରକଳ୍ପ କାର୍ଯ୍ୟାଳୟ ରେ ଯାଞ୍ଚ କରାଯିବ ଉକ୍ତ ଦିନ ପ୍ରାର୍ଥୀନି ନିଜ ମୂଳ ପ୍ରମାଣପତ୍ର ସହ ଉପସ୍ଥିତ ରହି ଯାଞ୍ଚ କାର୍ଯ୍ୟରେ ସହାୟତା କରିବେ ଯାଞ୍ଚ ଦିବସ ପ୍ରାର୍ଥୀନି ଉପସ୍ଥିତ ନରହିଲେ ତାଙ୍କ ଦରଖାସ୍ତ ନାକଚ କରିଦିଆଯିବ

ଅଙ୍ଗନୱାଡି କେନ୍ଦ୍ରର ତାଲିକା

| କ୍ର.ନ | ଗ୍ରାମପଞ୍ଚାୟତ ନାମ | ଅଙ୍ଗନୱାଡି କେନ୍ଦ୍ରର ନାମ |
|---|---|---|
| 1 | ଜାମକୁଣ୍ଡା | ତାଳପଦା – 2 |
| 2 | ବାଣିଆଡ଼ିହା | ଗଞ୍ଜା |
| 3 | ବିଷ୍ଣୁପୁର | ବିଷ୍ଣୁପୁର-2 |
| 4 | ନୂଆଗାଁ | କଟରମହଲ-1 |

ଆବେଦନ ନିମନ୍ତେ ନିୟମାବଳୀ:-

1. ପ୍ରାର୍ଥୀନୀ ସଂପୃକ୍ତ ଅ କେନ୍ଦ୍ରାଞ୍ଚଳର ସ୍ଥାୟୀ ବାସିନ୍ଦା ହୋଇଥିବା ବାଞ୍ଛନୀୟ, ପ୍ରାଥୀନୀ ସମ୍ପୃକ୍ତ କେନ୍ଦ୍ର ଦାୟିତ୍ୱ ରେ ଥିବା ଅଙ୍ଗନୱାଡି କର୍ମୀ ଙ୍କ ଠାରୁ ସର୍ଭେ ଖାତାରେ ଥିବା ଘର ନମ୍ବର ଓ କ୍ରମିକ ନମ୍ବର ଏକ ସତ୍ୟପାଠ (ଏଫିଡେଭିଟ )ଯାଞ୍ଚ ଦିବସରେ ନିମ୍ନ ସ୍ୱାକ୍ଷରକାରୀଙ୍କ କାର୍ଯ୍ୟାଳୟ ରେ ଦାଖଲ କରିବେ ସ୍ଥାୟୀ ବାସିନ୍ଦା ର ପ୍ରମାଣ ପତ୍ର ମଧ ସମ୍ପୃକ୍ତ ତହସିଲଦାର ଙ୍କ ଠାରୁ ଗ୍ରହଣ କରି upload କରିବେ ଦରଖାସ୍ତ ଦେବା ସମୟ ରେ 5 ବର୍ଷ ମଧରେ ତହସିଲଦାରଙ୍କ ଠାରୁ ପ୍ରାପ୍ତ ହୋଇଥିବା ଆବଶ୍ୟକ
2. ପ୍ରାର୍ଥୀନୀଙ୍କର ବୟସ ତା 01.01.2021 ରିଖ ସୁଦ୍ଧା 18 ବର୍ଷ ରୁ କମ କିମ୍ବା 42 ବର୍ଷ ରୁ ଉର୍ଦ୍ଧ ହୋଇନଥିବା ଆବଶ୍ୟକ
3. ପ୍ରାର୍ଥୀନୀଙ୍କର ଶିକ୍ଷାଗତ ଯୋଗ୍ୟତା ମ୍ୟାଟ୍ରିକ ପାସ ହୋଇଥିବା ଆବଶ୍ୟକ ପ୍ରାର୍ଥୀନୀଙ୍କର ଯଦି ଇଣ୍ଟରମିଡିଏଟ /ତଦୂର୍ଦ୍ଧ ଶିକ୍ଷାଗତ ଯୋଗ୍ୟତା ଥାଏ, ତେବେ ତାର ପ୍ରମାଣପତ୍ର upload କରିବେ ଯେଉଁ ଅଙ୍ଗନୱାଡି କେନ୍ଦ୍ର ନିମନ୍ତେ ମ୍ୟାଟ୍ରିକ ପାସ ପ୍ରାଥୀନୀ ଉପଲବ୍ଧ ନହେବେ ସେ କ୍ଷେତ୍ର ରେ କୌଣସି ସରକାରୀ ସ୍ୱୀକୃତି ପ୍ରାପ୍ତ ବିଦ୍ୟାଳୟରୁ ଅନ୍ୟୁନ ଅଷ୍ଟମ ଶ୍ରେଣୀ ଉତ୍ତୀର୍ଣ୍ଣ ହୋଇଥିବା ପ୍ରାଥୀନୀ ଙ୍କର ଯୋଗ୍ୟତାକୁ ବିଚାରକୁ ନିଆଯିବ ସେ କ୍ଷେତ୍ରରେ ପ୍ରାର୍ଥୀନୀ ମାନଙ୍କର ଶିକ୍ଷାଗତ ପ୍ରମାଣପତ୍ର ଏବଂ ଅଷ୍ଟମ ଶ୍ରେଣୀ ପାସ ମାର୍କସିଟ ବ୍ଲକ ଅଧିକାରୀଙ୍କ ଦ୍ୱାରା ପ୍ରତି ସ୍ୱାକ୍ଷରିତ (କାଉଣ୍ଟର ସାଇନ )ହୋଇଥିବା ଆବଶ୍ୟକ, ଉକ୍ତ ପ୍ରାଥୀନୀ ଅଷ୍ଟମ ଶ୍ରେଣୀ ପାସ ର ମାର୍କ ଲିଷ୍ଟ upload କରିବା ଆବଶ୍ୟକ ଯଦି ପ୍ରାର୍ଥୀନୀ ପଶ୍ଚିମ ବଙ୍ଗଳା /ଆନ୍ଧ୍ର ବୋର୍ଡ଼ରୁ ମ୍ୟାଟ୍ରିକ ପାସ କରିଥିବେ ତେବେ ଉକ୍ତ ମ୍ୟାଟ୍ରିକ ପ୍ରମାଣପତ୍ର ସହିତ ଓଡିଶା ମାଧମିକ ଶିକ୍ଷା ପରିଷଦ ଦ୍ୱାରା ସପ୍ତମ ଶ୍ରେଣୀ ପାସ ପ୍ରମାଣପତ୍ର upload କରିବେ

4 ପ୍ରାର୍ଥୀନୀ ଯଦି ସ୍ଵାମୀ ପରିତ୍ୟକ୍ତା, ଅସହାୟ ମହିଳା , ବିଧବା, ଶାରୀରିକ ବିକଳାଙ୍ଗ, ଅନାଥ ହୋଇଥାନ୍ତି ତତ ସଂକ୍ରାନ୍ତୀୟ ପ୍ରମାଣପତ୍ର ସମ୍ପୃକ୍ତ ଅଧିକାରୀ ଠାରୁ ଗ୍ରହଣ କରି upload କରିବେ

5 ପ୍ରାର୍ଥୀନୀ ଜାତିଗତ ପ୍ରମାଣପତ୍ର ତହସିଲଦାର ଙ୍କ ଠାରୁ ଗ୍ରହଣ କରି upload କରିବେ

6 ପ୍ରାର୍ଥୀନୀଙ୍କୁ ଯଦି 35 ବର୍ଷ ହୋଇଥାଏ ଏବଂ ସେ ଅବିବାହିତ ହୋଇଥାନ୍ତି ତାଙ୍କୁ ଅତିରିକ୍ତ ନମ୍ବର ଦିଆଯିବ

7 ଅଙ୍ଗନୱାଡି ପଦଟି ସରକାରୀ କର୍ମଚାରୀ ପଦବାଚ୍ୟ ନହୋଇ ଏକ ସ୍ୱେଛା ସେବିକା ହୋଇଥିବାରୁ ଅବୈତନିକ ଏବଂ ସ୍ଥାନୀୟ ଲୋକସେବା ନିମନ୍ତେ ଉଦ୍ଦିଷ୍ଟ ହୋଇଥିବାରୁ ସେହି କାର୍ଯ୍ୟପାଇଁ ସରକାରଙ୍କ ତରଫରୁ ଉକ୍ତ ପଦବୀ ପାଇଁ ନିର୍ଦ୍ଦିଷ୍ଟ ଦରମା ବ୍ୟବସ୍ଥା ନାହିଁ ଓ ଏହା ସରକାରୀ ଚାକିରୀ ନୁହେଁ ତେଣୁ ଓଡିଶା ସରକାରଙ୍କର ଓ ଆର ଭି ଆକ 1975 କିମ୍ବା କର୍ମସଂସ୍ଥାନ ନିୟୋଜନ ଆଇନ ଏହି କ୍ଷେତ୍ର ରେ ଲାଗୁ ହେବ ନାହିଁ କିମ୍ବା ଭବିଷ୍ୟତରେ ସ୍ଥାୟୀ ସରକାରୀ ପଦବାଚ୍ୟ ହେବା ପାଇଁ ଦାବୀ କରି ପାରିବେ ନାହିଁ

8 ପ୍ରାଥୀନୀ ଯଦି ଅଙ୍ଗନୱାଡି କେନ୍ଦ୍ର ଅଧୀନରେ ସହାୟିକା ଭାବରେ ପାଞ୍ଚବର୍ଷରୁ ଉର୍ଦ୍ଧ କାର୍ଯ୍ୟ କରିଥାନ୍ତି ଏବଂ ଆବଶ୍ୟକ ଯୋଗ୍ୟତା ଥାଏ ସେ ଆଦିବାସୀ ହୋଇନଥିଲେ ମଧ ଯଦି ଉପଯୁକ୍ତ ବିବେଚିତ ହୁଅନ୍ତି ତାଙ୍କୁ ଅଙ୍ଗନୱାଡି କର୍ମୀ ଭାବରେ ନିୟୋଜନ କରାଯାଇ ପାରେ ଯଦି ସହାୟିକା ଉପଯୁକ୍ତ ପ୍ରାର୍ଥୀନୀ ଭାବେ ବିବେଚିତ ହୁଅନ୍ତି ସେ କ୍ଷେତ୍ର ରେ ଅନ୍ୟ ପ୍ରାଥୀନୀ ମାନଙ୍କର ଦରଖାସ୍ତ ବିଚାରକୁ ନିଆଯିବ ନାହିଁ

9 ସର୍କାରଙ୍କର ନିୟମାନୁଯାୟୀ ଅଙ୍ଗନୱାଡି କର୍ମୀଙ୍କର ପ୍ରଚଳିତ ମାସିକ ଭତ୍ତା (ମାନଦେୟ )ଟ. 7500/- ଙ୍କା ଦିଆଯିବାର ବ୍ୟବସ୍ଥା ଅଛି

10 କୌଣସି ପ୍ରାର୍ଥୀନୀ ଡ଼ାକଦ୍ୱାରା କିମ୍ବା ସିଧାସଳଖ ଭାବେ ଆବେଦନ ପତ୍ର ନିମ୍ନ ସ୍ୱାକ୍ଷରକାରୀଙ୍କ କାର୍ଯ୍ୟାଳୟ ରେ ଦାଖଲ କରିପାରିବେ ନାହିଁ ଯଦି କରନ୍ତି ତାଙ୍କର ଦରଖାସ୍ତ ନାକଚ କରିଦିଆଯିବ

11 ସରକାରଙ୍କ ନିୟମାବଳୀ ଅନୁଯାୟୀ କୌଣସି ପ୍ରାର୍ଥୀନୀଙ୍କର ସ୍ଥାୟୀବାସିନ୍ଦା, ଜାତିଗତ ତଥା ଶିକ୍ଷାଗତ ପ୍ରମାଣପତ୍ର ସଂକ୍ରାନ୍ତରେ ଅଭିଯୋଗ ଥାଏ ତାହାହେଲେ ସେମାନେ ତା 11.10. ୨୦୨୧ ରିଖ ପୂର୍ବରୁ ପୂର୍ବ ପ୍ରଦତ୍ତ w.site ରେ upload କରିପାରିବେ ନିମନସ୍ୱାକ୍ଷର କାରୀ କାର୍ଯ୍ୟାଳୟ ରେ କିମ୍ବା ଡାକ ଦ୍ୱାରା କୌଣସି ଅଭିଯୋଗ ଗ୍ରହଣ କରାଯିବ ନାହିଁ

16.9.21

ସମନ୍ବିତ ଶିଶୁ ବିକାଶ ଯୋଜନା ପ୍ରକଳ୍ପ ଅଧିକାରୀ
ଖଇରପୁଟ
Child Development Project Officer Badinpal

ଦରଖାସ୍ତ ଫର୍ମ ସହିତ upload କରିବାକୁ ଥିବା ପ୍ରମାଣପତ୍ର

1. ଶିକ୍ଷାଗତ ଯୋଗ୍ୟତା ପ୍ରମାଣପତ୍ର

2. ମ୍ୟାଟ୍ରିକ ମାର୍କସିଟର ଉଭୟ ପାଖ ଜେରକ୍ସ କପି ଯଦି ପ୍ରାଥୀନି ମ୍ୟାଟ୍ରିକ ପାଶ ହୋଇନଥାନ୍ତି ତେବେ ଅଷ୍ଟମ ପାଶର ମାର୍କସିଟର ନକଲ

3. ମ୍ୟାଟ୍ରିକ ରୁ ତଦୁର୍ଦ୍ଧ ଶିକ୍ଷାଗତ ଯୋଗ୍ୟତା ର ପ୍ରମାଣ ପତ୍ର

4. ଯଦି ଆବଶ୍ୟକ ଥାଏ ଓଡ଼ିଆ ମାଧମିକ ଶିକ୍ଷା ପରିଷଦର ସପ୍ତମ ଶ୍ରେଣୀ ପାଶ ର ପ୍ରମାଣପତ୍ର

5. ସ୍ଥାଯୀ ବାସିନ୍ଦା ଏବଂ ଘରର ଅବସ୍ଥିତି ନେଇ (ଏଫିଡେଭିଟ)ଯାଞ୍ଚ ଦିବସ ରେ ଦାଖଲ କରିବେ

6. ସ୍ଥାୟୀ ବାସିନ୍ଦାର ପ୍ରମାଣ ପତ୍ର (ସମ୍ପୃକ୍ତ ତହସିଲଦାରଙ୍କ ଠାରୁ ଗ୍ରହଣ କରିଥିବା ଆବଶ୍ୟକ ଏବଂ ଏହା ଦରଖାସ୍ତ ଦେବା ସମୟରେ 5 ବର୍ଷ ମଧ୍ୟରେ ପ୍ରାପ୍ତ ହୋଇଥିବା ଆବଶ୍ୟକ

7. ତହସିଲଦାରଙ୍କ ଠାରୁ ପ୍ରାପ୍ତ ଜାତିଗତ ପ୍ରମାଣ ପତ୍ର

8. ଶାରୀରିକ ବିକଳାଙ୍ଗ ପ୍ରମାଣପତ୍ର

9. ବିଧବା ପ୍ରମାଣପତ୍ର/ସ୍ୱାମୀ ପରିତ୍ୟକ୍ତା ର ଉପଯୁକ୍ତ ପ୍ରମାଣପତ୍ର/ଅନାଥ /ନିଃସହାୟ ପ୍ରମାଣପତ୍ର ର ନକଲ

10 ଅଙ୍ଗନୱାଡି କେନ୍ଦ୍ର ର ସହାୟିକା ଭାବରେ କାର୍ଯ୍ୟ କରି ଥିବାର ପ୍ରମାଣ ପତ୍ର (ସମ୍ପୃକ୍ତ ଅଧିକାରୀଙ୍କ ଠାରୁ )

11. ଏକ ପାସପୋର୍ଟ ଫୋଟୋ

ପରିପତ୍ର ସଂଖ୍ୟା 604 ତା 16-9-21 ରିଖ

ଏହାର ଏକକିତା ନକଲ ଜିଲ୍ଲା ସମାଜ ମଙ୍ଗଳ ଅଧିକାରିଣୀ, ବାଲେଶ୍ୱର /ଉପଜିଲ୍ଲାପାଳ, ବାଲେଶ୍ୱର / ଗୋଷ୍ଠୀଉନ୍ନୟନ ଅଧିକାରୀ ବାଲିଆପାଳ/ଭାରପ୍ରାପ୍ତ ଚିକିତ୍ସା ଅଧିକାରୀ ବାଲିଆପାଳ /ବ୍ଲକ ସାମାଜିକ ସୁରକ୍ଷା ଅଧିକାରୀଙ୍କ ଅବଗତି ନିମନ୍ତେ ପ୍ରେରଣ କରାଗଲା

16.9.21

ସମନ୍ୱିତ ଶିଶୁ ବିକାଶ ଯୋଜନା ପ୍ରକଳ୍ପ ଅଧିକାରୀ
ବାଲିଆପାଳ

Child Development Project Officer, Baliapal

ପରିପତ୍ର ସଂଖ୍ୟା 605 ତା 16-9-21 ରିଖ

ଏହାର ଏକକିତା ନକଲ ସମସ୍ତ ଗ୍ରାମପଞ୍ଚାୟତ ର ସରପଞ୍ଚଙ୍କ ଅବଗତି ଓ ବହୁଳ ପ୍ରସାର ପାଇଁ କାର୍ଯ୍ୟାଳୟ ବିଜ୍ଞାପନ ଫଳକରେ ଲଗାଇବା ପାଇଁ ଅନୁରୋଧ କରାଗଲା

16.9.21

ସମନ୍ୱିତ ଶିଶୁ ବିକାଶ ଯୋଜନା ପ୍ରକଳ୍ପ ଅଧିକାରୀ
ବାଲିଆପାଳ

Child Development Project Officer, Baliapal

ପରିପତ୍ର ସଂଖ୍ୟା 606 ତା 16-9-21 ରିଖ

ଏହାର ଏକକିତା ନକଲ ସମ୍ପୃକ୍ତ ଅଙ୍ଗନୱାଡି କେନ୍ଦ୍ର ର ଅଙ୍ଗନୱାଡି ଦାୟିତ୍ୱ ରେ ଥିବା କର୍ମୀଙ୍କୁ ବହୁଳ ପ୍ରସାର ନିମନ୍ତେ ପ୍ରେରଣ କରାଗଲା ସେ ଏକକିତା ସମ୍ପୃକ୍ତ କେନ୍ଦ୍ରାଞ୍ଚଳରେ ସର୍ବସାଧାରଣ ଅବଗତି ନିମନ୍ତେ ଟଙ୍ଗାଇ ଅନ୍ୟ ଏକକିତା ରେ ସମ୍ପୃକ୍ତ କେନ୍ଦ୍ରାଞ୍ଚଳ ବାସିଙ୍କୁ ତୁରନ୍ତ ଅବଗତି କରି ଏଥି ପୃଷ୍ଠେ ସ୍ୱାକ୍ଷର ସହ କାର୍ଯ୍ୟାଳୟକୁ ଫେରସ୍ତ କରିବା ପାଇଁ ଜଣାଇ ଦିଆଗଲା

16.9.21

ସମନ୍ୱିତ ଶିଶୁ ବିକାଶ ଯୋଜନା ପ୍ରକଳ୍ପ ଅଧିକାରୀ
ବାଲିଆପାଳ

Child Development Project Officer, Baliapal

ପରିପତ୍ର ସଂଖ୍ୟା 607 ତା 16-9-21 ରିଖ

ଏହାର ଏକକିତା ନକଲ ଶିଶୁ ବିକାଶ ଯୋଜନା ଅଧିକାରିଣୀଙ୍କ କାର୍ଯ୍ୟାଳୟ ବାଲିଆପାଳଙ୍କ ନୋଟିସ ବୋର୍ଡ଼ ଏବଂ ଗୋଷ୍ଠୀ ଉନ୍ନୟନ ଅଧିକାରୀ ବାଲିଆପାଳ କାର୍ଯ୍ୟାଳୟ ନୋଟିସ ବୋର୍ଡ଼ ରେ ବହୁଳ ପ୍ରସାର ନିମନ୍ତେ ଲଟକାଇବା ନିମନ୍ତେ ପ୍ରେରଣ କରାଗଲା

16.9.21

ସମନ୍ୱିତ ଶିଶୁ ବିକାଶ ଯୋଜନା ପ୍ରକଳ୍ପ ଅଧିକାରୀ
ବାଲିଆପାଳ

Child Development Project Officer, Baliapal